
# ବାପ୍ତିସ୍ମ(BAPTISM)

ତୁମ୍ଭ ବାକ୍ୟ ମୋ ଚରଣ ପାଇଁ ପ୍ରଦୀପ ଓ ମୋ ପଥ ପାଇଁ ଆଲୁଅ ଅଟେ । (ଗୀତସଂହିତା 119:105) ।



# ବାପ୍ତିସ୍ମ(BAPTISM)

(ପୁଣି,ଯୀଶୁ ସେମାନଙ୍କ ନିକଟକୁ ଆସି ଆଳାପ କରି କହିଲେ,ସ୍ୱର୍ଗ ଓ ପୃଥିବୀର ଅଧିକାର ମୋତେ ପ୍ରଦତ୍ତ ହୋଇଅଛି,ଅତଏବ, ତୁମ୍ଭେମାନେ ଯାଇ ସମସ୍ତ ଜାତିର ଲୋକଙ୍କୁ ପିତା,ପୁତ୍ର ଓ ପବିତ୍ର ଆତ୍ମାଙ୍କ ନାମରେ ବାପ୍ତିସ୍ମ ଦେଇ,ମୁଁ ତୁମ୍ଭମାନଙ୍କୁ ଯେଉଁ ଯେଉଁ ଆଜ୍ଞା ଦେଇଅଛି,ସେହିସବୁ ପାଳନ କରିବାକୁ ଶିକ୍ଷା ଦେଇ ସେମାନଙ୍କୁ ଶିଷ୍ୟ କର,ଆଉ ଦେଖ ଯୁଗାନ୍ତ ପର୍ଯ୍ୟନ୍ତ ସଦାସର୍ବଦା ମୁଁ ତୁମ୍ଭମାନଙ୍କ ସଂଗେ ସଂଗେ ଅଛି) ।(ମାଥିଉ 28:18-20) ।

## ସମସ୍ତେ ପାପ କରିଅଛନ୍ତି, ଅତଏବ ସମସ୍ତେ ବିଶ୍ୱାସ କରିବା ଆବଶ୍ୟକ !

ଆଦି କାଳରୁ ଖ୍ରୀଷ୍ଟାରିର(ଶୟତାନର) ଭ୍ରାନ୍ତିଜନକ ଭଣ୍ଡ ଶିକ୍ଷା ଖ୍ରୀଷ୍ଟୀୟ ସମାଜକୁ ଗ୍ରାସ କରି ଆସୁଅଛି ।ପରମେଶ୍ୱରଙ୍କର ସତ୍ୟ ଓ ଜୀବନ୍ତ ବାକ୍ୟର ଶିକ୍ଷାକୁ, ମିଥ୍ୟା ଭ୍ରାନ୍ତିଜନକ ଭଣ୍ଡ ଶିକ୍ଷାରେ ପରିଣତ କରିବାକୁ ଆଦ୍ୟରୁ ସେ ଚେଷ୍ଟା କରି ଆସୁଅଛି ।ଆମ୍ଭମାନଙ୍କର ସଦାପ୍ରଭୁ ସର୍ବଶକ୍ତିମାନ ପରମେଶ୍ୱରଙ୍କର ପବିତ୍ର ମହାନାମର ଧନ୍ୟବାଦ ହେଉ, ସେ ସ୍ୱଗୌରବରକ୍ଷଣରେ ଉଦ୍ ଯୋଗୀ ପରମେଶ୍ୱର ଅଟନ୍ତି,ସେ ଆପଣା ମହିମା କେବେ ହେଲେ

ଶୟତାନକୁ ଦେବେ ନାହିଁ,ପୁଣି ଆପଣା ସତ୍ୟ ଓ ପବିତ୍ର ବାକ୍ୟକୁ କେବେ ହେଲେ ଅସତ୍ୟ, ଭ୍ରଷ୍ଟ ଏବଂ କଳଙ୍କିତ ହେବାକୁ ଦେବେ ନାହିଁ,ଏଥି ନିମନ୍ତେ ସେ ଆପଣା ସେବକମାନଙ୍କୁ ନିଯୁକ୍ତ କରି ସେମାନଙ୍କ ଦ୍ୱାରା ଆପଣା ସତ୍ୟ ବାକ୍ୟର ବାଇବଲ ଶିକ୍ଷା ମଣିଷ ସମାଜକୁ ପ୍ରଦାନ କରି ଆସୁଛନ୍ତି ।ପ୍ରଭୁଙ୍କର ସେବକମାନେ ଦିବାରାତ୍ର ତାହାଙ୍କର ବ୍ୟବସ୍ଥା (ତାହାଙ୍କ ବାକ୍ୟ ବାଇବଲ)ଧ୍ୟାନ କରନ୍ତି ଓ ପରମେଶ୍ୱରଙ୍କଠାରୁ ପ୍ରଦତ୍ତ ସତ୍ୟ ବାକ୍ୟର ଶିକ୍ଷା ଲୋକମାନଙ୍କୁ ଶିକ୍ଷା ଦିଅନ୍ତି ।ଆସନ୍ତୁ, ଆପଣଙ୍କ ହାତରେ ଥିବା ଏହି ଛୋଟ ପୁସ୍ତକ ମାଧ୍ୟମରେ ପରମେଶ୍ୱରଙ୍କ ବାକ୍ୟ ବାଇବଲରୁ ବାପ୍ତିସ୍ମର ବିଷୟରେ ଅଧ୍ୟୟନ କରିବା ।

# ବାପ୍ତିସ୍ମରେ ବାକ୍ୟର କାର୍ଯ୍ୟସାଧନ

**ବାପ୍ତିସ୍ମର ବିଶ୍ଳେଷଣ:- (ମାଥିଉ 28:18-20)** ଅନୁସାରେ ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟ ସମଗ୍ର ଜାତିର ଲୋକମାନଙ୍କୁ ଶିଷ୍ୟ କରିବା ନିମନ୍ତେ ଆଜ୍ଞା ଦେଇଛନ୍ତି । ସେହି ଆଜ୍ଞାକୁ ପ୍ରଧାନ ଆଜ୍ଞାକୁ (Great commission) କୁହାଯାଏ ।ପ୍ରଧାନ ଆଜ୍ଞାରେ ଦୁଇଟି ମୁଖ୍ୟ କାର୍ଯ୍ୟ କରିବା ନିମନ୍ତେ ଆଦେଶ ୱ

ଦେଇଛନ୍ତି,ଯଥା:- 1.ବାପ୍ତିସ୍ମ ଦେବା ଓ 2.ଶିକ୍ଷା ଦେବା ।ଅତଏବ ସମଗ୍ର ଜାତିର ଲୋକମାନଙ୍କୁ ଯୀଶୁଙ୍କ ଶିଷ୍ୟ କରିବା ପାଇଁ ଶିକ୍ଷା ଦେବା ଓ ବାପ୍ତିସ୍ମ ଦେବା ନିତାନ୍ତ ଦରକାର ।ଆମ୍ଭେମାନେ ଏହି ଶିକ୍ଷାକୁ ବିଶ୍ୱାସ କରୁ ଓ ପାଳନ କରୁ ତଥା ଅନ୍ୟମାନଙ୍କୁ ମଧ୍ୟ ପାଳନ କରିବାକୁ ଶିକ୍ଷା ଦେଉ ।କାରଣ ଆଦ୍ୟ ମଣ୍ଡଳୀ ମଧ୍ୟ ଠିକ୍ ସେହିପରି ହିଁ ପାଳନ କରି ଆସିଥିବାର ବାଇବଲରେ ଉଲ୍ଲେଖ ଅଛି । ପୂର୍ଣ୍ଣ ବୟସ୍କମାନଙ୍କୁ ଆମ୍ଭେମାନେ ପ୍ରଥମେ ଶିକ୍ଷା ଦେଉ ଓ ତାପରେ ବାପ୍ତିସ୍ମ ଦେଉ, କିନ୍ତୁ ଶିଶୁମାନଙ୍କୁ ପ୍ରଥମେ ବାପ୍ତିସ୍ମ ଦେଉ ଓ ତାପରେ ଶିକ୍ଷା ଦେଉ ।ଏହି ଉଭୟ ଶ୍ରେଣୀର ଲୋକମାନଙ୍କ ମଧ୍ୟରେ ସଦାପ୍ରଭୁ ପରମେଶ୍ୱରଙ୍କର ଶକ୍ତିଯୁକ୍ତ ବାକ୍ୟ କାର୍ଯ୍ୟ ସାଧନ କରେ ।ଯେତେବେଳେ ଆମ୍ଭେମାନେ ଜଣେ ଶିଶୁକୁ ବାପ୍ତିସ୍ମ ଦେଇଥାଉ,ସେତେବେଳେ ପବିତ୍ର ଆତ୍ମା ଶିଶୁର ହୃଦୟରେ ,ପିତା ପୁତ୍ର ଓ ପବିତ୍ର ଆତ୍ମା, ତ୍ରିଏକ ପରମେଶ୍ୱରଙ୍କ ନାମରେ ବିଶ୍ୱାସ ଉତ୍ପନ୍ନ କରନ୍ତି ବୋଲି ବିଶ୍ୱାସ କରୁ ।ପିତା, ପୁତ୍ର ଓ ପବିତ୍ର ଆତ୍ମାଙ୍କ ନାମରେ ବାପ୍ତିସ୍ମ ଦ୍ୱାରା ଶିଶୁକୁ ପରମେଶ୍ୱରଙ୍କ ପରିବାରରେ ସଂଯୁକ୍ତ କରାଯାଏ ।ଅବଶ୍ୟ, ଶିଶୁମାନେ ଶିକ୍ଷା ବୁଝିପାରନ୍ତି ନାହିଁ କିମ୍ବା ଆପଣା ବିଶ୍ୱାସ ସ୍ୱୀକାର କରି ପାରନ୍ତି ନାହିଁ ,ଏହା ସଂପୂର୍ଣ୍ଣ ସତ୍ୟ ,ତଥାପି ଖ୍ରୀଷ୍ଟୀୟ ପିତାମାତା ବିଶ୍ୱାସର ସହିତ ଆପଣା ଶିଶୁକୁ  ବାପ୍ତିସ୍ମ ଦେବା ନିମନ୍ତେ ମଣ୍ଡଳୀକୁ ଆଣିବା ସେମାନଙ୍କର  କର୍ତ୍ତବ୍ୟ ଅଟେ । କାରଣ ଲେଖାଅଛି:-

(ବାଳକର (ଶିଶୁର) ଗନ୍ତବ୍ୟ ପଥରେ ତାହାକୁ ଶିକ୍ଷିତ କରାଅ, ତେଣୁ ସେ ବୃଦ୍ଧ ହେଲେ ହେଁ ତହିଁରୁ ବିମୁଖ ହେବ ନାହିଁ ।(ହିତୋପଦେଶ 22:6) ।( ପୁଣି ହେ ପିତାମାନେ,ଆପଣା ଆପଣା ପିଲାମାନଙ୍କୁ ବିରକ୍ତ କର ନାହିଁ,ମାତ୍ର ସେମାନଙ୍କୁ ପ୍ରଭୁଙ୍କ ଶିକ୍ଷା ଓ ଚେତନା ଦ୍ୱାରା ପ୍ରତିପାଳନ କର ।(ଏଫିସୀୟ6:4) । ହୋଇପାରେ, ଶିଶୁ କିମ୍ବା ବାଳକ ପୂର୍ଣ୍ଣ ବୟସ୍କ ହେଲା ପରେ ସେହି ବାପ୍ତିସ୍ମର ଅସ୍ୱୀକାର କରିପାରେ । ପୂର୍ଣ୍ଣ ବୟସ୍କ ଲୋକମାନଙ୍କୁ ଆମ୍ଭେମାନେ ପ୍ରଥମେ ଶିକ୍ଷା ଦେଉ, ତାପରେ ବାପ୍ତିସ୍ମ ଦେଉ, କାରଣ ସେମାନେ ବୁଝି ପାରନ୍ତି ଓ ଆପଣା ବିଶ୍ୱାସ ସ୍ୱୀକାର କରି ପାରନ୍ତି । ବାପ୍ତିସ୍ମରେ ସର୍ବଦା ମନେ ରଖିବାର ଏକ ମୁଖ୍ୟ ବିଷୟ ହେଉଛି,ବୟସ୍କ ହୁଅନ୍ତୁ କିଅବା ଶିଶୁ, ଉଭୟଙ୍କଠାରେ କେବଳ ପରମେଶ୍ୱରଙ୍କର ଶକ୍ତିଯୁକ୍ତ ବାକ୍ୟ ହିଁ କାର୍ଯ୍ୟ ସାଧନ କରେ ।

## ସମସ୍ତ ଜାତିର ଲୋକଙ୍କୁ ବାପ୍ତିସ୍ମ ଦେବା ନିମନ୍ତେ ଆଜ୍ଞା ଦିଆଯାଇଅଛି ।

ଆମ୍ଭମାନଙ୍କର ଶିକ୍ଷା ପ୍ରେରିତମାନଙ୍କ ଶିକ୍ଷା ଭଳି କେବଳ ବାଇବଲ ଶିକ୍ଷା ଅଟେ ।ସର୍ବପ୍ରଥମେ ପ୍ରଭୁଯୀଶୁଙ୍କ ଦ୍ୱାରା ପ୍ରଦତ୍ତ ପ୍ରଧାନ ଆଜ୍ଞାରେ(ମାଥିଉ 28:18-20)ଅନୁସାରେ, ସମଗ୍ର ଜାତିର ଲୋକମାନଙ୍କୁ

ବାପ୍ତିସ୍ମ ଦେବାକୁ ଆଦେଶ ଦିଆଯାଇଛି ।ସମଗ୍ର ଜାତିର ଲୋକମାନଙ୍କୁ ଅର୍ଥାତ୍ ମାନବ ସମାଜର ଛୋଟବଡ଼ ସମସ୍ତଙ୍କୁ ବୋଲି କୁହାଯାଇଛି,ଅତଏବ ସେଥିରୁ ଛୋଟ ପିଲାମାନଙ୍କୁ ଆମ୍ଭେମାନେ ବହିଷ୍କାର କରି ପାରିବା ନାହିଁ ।ଅନ୍ୟ ପକ୍ଷରେ, ବାପ୍ତିସ୍ମ ଦେବା ନିମନ୍ତେ କୋଣସି ବୟସର ସମୟ ସିମା ପ୍ରତି ବାଇବଲରେ ଉଲ୍ଲେଖ ହୋଇ ନାହିଁ କିଅବା ଶିଶୁ କିମ୍ବା ଛୋଟ ପିଲାମାନଙ୍କୁ ବାପ୍ତିସ୍ମ ଦେବା ପାଇଁ ମନା କରା ଯାଇନାହିଁ ।ବାପ୍ତିସ୍ମ ନିମନ୍ତେ ସମୟ ସିମା ନିର୍ଧାରଣର ବିଷୟ କେବଳ ମଣିଷର ଜ୍ଞାନ ଉପରେ ଆଧାରିତ, ପରମେଶ୍ୱରଙ୍କ ବାକ୍ୟ ଉପରେ ଆଧାରିତ ନୁହେଁ ।ପ୍ରେରିତ ପିତରଙ୍କ ପ୍ରଥମ ପ୍ରଚାରରେ ଉଲ୍ଲେଖ ବିଷୟ ବାଇବଲରେ ଆମ୍ଭେମାନେ ପଢୁଅଛୁ:- ଲେଖାଅଛି,(ତେଣୁ ପିତର ସେମାନଙ୍କୁ କହିଲେ,ଆପଣମାନେ ମନପରିବର୍ତ୍ତନ କରନ୍ତୁ,ଆଉ ଆପଣା ଆପଣା ପାପକ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୁଅନ୍ତୁ,ତାହାହେଲେ ଆପଣମାନେ ପବିତ୍ର ଆତ୍ମାଙ୍କର ଦାନ ପ୍ରାପ୍ତ ହେବେ । କାରଣ ଏହି ପ୍ରତିଜ୍ଞା ଆପଣମାନଙ୍କ ନିମନ୍ତେ,ଆପଣମାନଙ୍କ ସନ୍ତାନସନ୍ତତି ନିମନ୍ତେ,ପୁଣି ଦୂରବର୍ତ୍ତୀ ଯେତେ ଲୋକମାନଙ୍କୁ ପ୍ରଭୁ ଆମ୍ଭମାନଙ୍କ ଈଶ୍ୱର ଆପଣା ନିକଟକୁ ଡାକନ୍ତି, ସେହି ସମସ୍ତଙ୍କ ନିମନ୍ତେ ।(ପ୍ରେରିତ 2:38-39) ।(ସେଥିରେ ଯେଉଁମାନେ ତାହାଙ୍କର ବାକ୍ୟ ଗ୍ରହଣ କଲେ,ସେମାନେ ବାପ୍ତିଜିତ

ହେଲେ,ଆଉ ସେହିଦିନ ପ୍ରାୟ ତିନି ସହସ୍ର ଲୋକ ମଣ୍ଡଳୀ ସହିତ ସଂଯୁକ୍ତ ହେଲେ) ।(ପ୍ରେରିତ 2:41) । ଏହି ବାକ୍ୟାଂଶରେ ଉଲ୍ଲେଖ ବାପ୍ତିଜିତ ହୋଇ ଥିବା ତିନି ସହସ୍ର ଲୋକମାନେ କେବଳ ବୟସ୍କ ଲୋକମାନେ ବୋଲି କୋଣସି ପ୍ରମାଣ ଉଲ୍ଲେଖ ହୋଇ ନାହି,ଅତଏବ ସେଥିରେ ଶିଶୁମାନେ ଓ ପିଲାମାନେ ମଧ୍ୟ ଅନ୍ତର୍ଭୁକ୍ତ । କାରଣ ଛୋଟବଡ଼ ସମସ୍ତେ ପାପ କରିଅଛନ୍ତି,ଅତଏବ ସମସ୍ତଙ୍କର ମନପରିବର୍ତ୍ତନ କରିବାର ଓ ବାପ୍ତିଜିତ ହେବାର ଆବଶ୍ୟକତା ରହିଛି ।ଯୀଶୁ କହିଲେ,ଶିଶୁମାନଙ୍କୁ ଛାଡ଼ିଦିଅ,ସେମାନଙ୍କୁ ମୋ ନିକଟକୁ ଆସିବାକୁ ମନା କର ନାହିଁ, କାରଣ ସ୍ୱର୍ଗରାଜ୍ୟ ଏହି ପ୍ରକାର ଲୋକମାନଙ୍କର ।(ମାଥିଉ 19:14) ।(ସେତେବେଳେ ଶିଷ୍ୟମାନେ ଯୀଯଶୁଙ୍କ ନିକଟକୁ ଆସି ପଚାରିଲେ,ତେବେ ସ୍ୱର୍ଗରାଜ୍ୟରେ କିଏ ଶ୍ରେଷ୍ଠ ?ସେ ଗୋଟିଏ ସାନ ପିଲାକୁ ପାଖକୁ ଡାକି ସେମାନଙ୍କ ମଧ୍ୟରେ ଠିଆ କରାଇ କହିଲେ,ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି,ତୁମ୍ଭେମାନେ ଫେରି ସାନପିଲାଙ୍କ ପରି ନ ହେଲେ କୋଣସି ପ୍ରକାରେ ସ୍ୱର୍ଗରାଜ୍ୟରେ ପ୍ରବେଶ କରି ପାରିବ ନାହିଁ ।ଅତଏବ ଯେକେହି ଏହି ସାନ ପିଲା ପରି ଆପଣାକୁ ନମ୍ର କରେ, ସେ ସ୍ୱର୍ଗରାଜ୍ୟରେ ଶ୍ରେଷ୍ଠ ।ଆଉ ଯେକେହି ମୋ ନାମରେ ଏହିପରି ଗୋଟିଏ ସାନ ପିଲାକୁ ଗ୍ରହଣ କରେ, ସେ ମୋତେ ଗ୍ରହଣ କରେ । (ମାଥିଉ 18: 1-5) ।ଏହିଠାରେ ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟ ସ୍ପଷ୍ଟ ରୂପରେ କହନ୍ତି,

ଶିଶୁମାନଙ୍କର ମଧ୍ୟ ସ୍ୱର୍ଗରାଜ୍ୟର ଅଧିକାର ଅଛି ।ପୁଣି ଯୀଶୁ କହିଲେ, ( କିନ୍ତୁ ଯେ କେହି ମୋ ଠାରେ ବିଶ୍ୱାସ କରୁଥିବା ଏହି କ୍ଷୁଦ୍ରମାନଙ୍କ ମଧ୍ୟରୁ ଜଣକର ବିଘ୍ନର କାରଣ ହୁଏ,ତାହା ବେକରେ ଗୋଟିଏ ବଡ଼ ଚକିପଥର ଟଗାଂଯାଇ ତାହାକୁ ମହାସାଗରର ଅଗାଧ ଜଳରେ ବୁଡ଼ାଇ ଦିଆଯାଇଥିଲେ ତାହା ପକ୍ଷରେ ହିତକର ହୋଇଥାନ୍ତା ।(ମାଥିଉ 18:6) ଏଠାରେ କ୍ଷୁଦ୍ରମାନେ ଅର୍ଥାତ୍ ଶିଶୁମାନେ ମଧ୍ୟ ତାହାଙ୍କ ଠାରେ ବିଶ୍ୱାସ କରନ୍ତି ବୋଲି ଯୀଶୁ କହୁଅଛନ୍ତି,ଆପଣ କଅଣ କହନ୍ତି ?ଶିଶୁମାନେ ମଧ୍ୟ ସମଗ୍ର ଜାତିର ଲୋକମାନଙ୍କର ଅନ୍ତର୍ଭୁକ୍ତ,ସେମାନେ ମଧ୍ୟ ବାପ୍ତିଜିତ ହେବା ଆବଶ୍ୟକ ବୋଲି ଆମ୍ଭେମାନେ ବିଶ୍ୱାସ କରୁ ।ପୁଣି ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରୁଥିବା ଏହି କ୍ଷୁଦ୍ର ଶିଶୁମାନଙ୍କ ମଧ୍ୟରୁ ଜଣକର ବିଘ୍ନର କାରଣ ନ ହେବା ନିମନ୍ତେ ସେ ଆମ୍ଭମାନଙ୍କୁ ଆଦେଶ ଦେଇଅଛନ୍ତି ।ଯଦି ଆମ୍ଭେମାନେ ଶିଶୁମାନଙ୍କୁ ବାପ୍ତିଜିତ ନ କରୁ ତାହା ହେଲେ ଏହି ବାକ୍ୟ ଅନୁସାରେ ଆମ୍ଭମାନେ ଏହି କ୍ଷୁଦ୍ର ମାନଙ୍କର ବିଘ୍ନର କାରଣ ହୋଇ ଦଣ୍ଡଯୋଗ୍ୟ ହୋଇଥାଉ ।(ଦେଖ,ଅପରାଧରେ ମୁଁ ନିର୍ମିତ ହେଲି ଓ ପାପରେ ମୋ ମାତା ମୋତେ ଗର୍ଭଧାରଣ କଲା ) (ଗୀତସଂହିତା 51:5) ।ଏହି ବାକ୍ୟ ଅନୁସାରେ ସମସ୍ତ ଶିଶୁ ଗର୍ଭରୁ ହିଁ ପାପୀ, ଅତଏବ ସମସ୍ତ ଶିଶୁର ମଧ୍ୟ ପାପରୁ ମୁକ୍ତ ପୁଣି ନୂଆଁ ଜନ୍ମର ଅନୁଭବ ଲାଭ କରିବା ଆବଶ୍ୟକ ଅଟେ ।

। ପାପରୁ ମୁକ୍ତି ଓ ଅନନ୍ତ ଜୀବନର ଅଧିକାର ବାପ୍ତିସ୍ମ ଦ୍ୱାରା ମଣିଷ ସମାଜର  ଛୋଟ ବଡ଼ ସମସ୍ତଙ୍କୁ ନିରପେକ୍ଷ ଭାବରେ ଦିଆଯାଇଅଛି । କାରଣ ସମସ୍ତେ ତ ପାପ କରିଅଛନ୍ତି ପୁଣି ଈଶ୍ୱରଙ୍କ ଗୌରବରହିତ ହୋଇଅଛନ୍ତି ।(ରୋମୀୟ 3:23) ।(କାରଣ ପାପର ବେତନ ମୃତ୍ୟୁ,କିନ୍ତୁ ଈଶ୍ୱରଙ୍କ ଅନୁଗ୍ରହ ଦାନ ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ସହଭାଗିତାରେ ଅନନ୍ତ ଜୀବନ ଅଟେ ।ରୋମୀୟ 6:23) ।ମାତାର ଗର୍ଭରୁ ହିଁ ସେ ସମସ୍ତଙ୍କୁ ଆହ୍ୱାନ କରିଛନ୍ତି ,ଯେପରି ଲେଖାଅଛି:-(ଉଦର ମଧ୍ୟରେ ତୁମ୍ଭକୁ ଗଢ଼ିବା ପୂର୍ବରୁ ଆମ୍ଭେ ତୁମ୍ଭକୁ ଜାଣିଲୁ,ପୁଣି ଭୂମିଷ୍ଠ ହେବା ପୂର୍ବରୁ ଆମ୍ଭ ତୁମ୍ଭକୁ ପବିତ୍ର କଲୁ......। ) (ଯିରିମିୟ 1:5) ।( ଆମ୍ଭେମାନେ ଯେପରି ତାହାଙ୍କ ସାକ୍ଷାତରେ ପବିତ୍ର ଓ ଅନିନ୍ଦନୀୟ ହେଉ ,ଏଥିପାଇଁ ସେ ଜଗତର ପତନ ପୂର୍ବେ ତାହାଙ୍କଠାରେ (ଯୀଶୁଙ୍କଠାରେ) ଆମ୍ଭମାନଙ୍କୁ ମନୋନୀତ କରିଅଛନ୍ତି ।) (ଏଫିସୀୟ 1:4) ।ସଦାପ୍ରଭୁ ପରମେଶ୍ୱର କହନ୍ତି, ମାତ୍ର ଯେଉଁମାନେ ଆମ୍ଭକୁ ପ୍ରେମ କରନ୍ତି ଓ ଆମ୍ଭର ଆଜ୍ଞା ପାଳନ କରନ୍ତି,ଆମ୍ଭେ ସେମାନଙ୍କର ସହସ୍ର ପୁରୁଷ ପର୍ଯ୍ୟନ୍ତ ଦୟାକାରୀ । (ଯାତ୍ରାପୁସ୍ତକ 20:6) ।ଆମ୍ଭେମାନେ ଆପଣା ଆପଣା ପରିବାରର ଶିଶୁମାନଙ୍କୁ ବାପ୍ତିଜିତ କରିବା ଆବଶ୍ୟକ ,ଏହି କ୍ଷୁଦ୍ରମାନଙ୍କର ବିଘ୍ନର କାରଣ ନ ହେବା ଦରକାର ।ପାଉଲଙ୍କ ଫିଲିପିକୁ ଦ୍ୱିତୀୟ ମିଶିନେରୀ ଯାତ୍ରାବେଳେ, କାରାରକ୍ଷକ ସପରିବାରରେ ବାପ୍ତିଜିତ

କରାଯାଇଥିଲା, ଲେଖାଅଛି :-( ଆଉ ସେ ସେମାନଙ୍କୁ ବାହାରକୁ ଆଣି କହିଲା, ମହାଶୟମାନେ, ପରିତ୍ରାଣ ପାଇବା ନିମନ୍ତେ ମୋତେ କଅଣ କରିବାକୁ ହେବ ?ସେମାନେ କହିଲେ, ପ୍ରଭୁଯୀଶୁଙ୍କଠାରେ ବିଶ୍ୱାସ କର, ତାହା ହେଲେ ତୁମ୍ଭେ ସପରିବାରରେ ପରିତ୍ରାଣ ପାଇବ । ପରେ ସେମାନେ ତାକୁ ଓ ତାହାର ଗୃହରେ ଥିବା ସମସ୍ତଙ୍କୁ ଈଶ୍ୱରଙ୍କ ବାକ୍ୟ କହିଲେ,ଆଉ ସେମାନଙ୍କୁ ରାତ୍ରୀର ସେହି ଘଡ଼ିରେ ଘେନିଯାଇ ସେମାନଙ୍କର ପ୍ରହାରର କ୍ଷତ ସବୁ ଧୋଇଦେଲେ, ପୁଣି ସେ (କାରାରକ୍ଷକ) ଓ ତାହାର ପରିବାରର ସମସ୍ତେ ସେହିକ୍ଷଣି ବାପ୍ତିଜିତ ହେଲେ ।) ( ପ୍ରେରିତ 16: 30-33 ) ପୁଣି ଥୁୟାଥୀରା ନଗରର ବାଇଗଣିଆ ବସ୍ତ୍ର ବିକ୍ରୟକାରିଣୀ ଲୁଦିଆ ନାମ୍ନୀ ଜଣେ ମହିଳା ସପରିବାରରେ ବାପ୍ତିଜିତ ହେବା ବିଷୟ ଆମ୍ଭେମାନେ (ପ୍ରେରିତ 16:14-15)ରେ ପଢୁଅଛୁ ।ଆମ୍ଭମାନଙ୍କ ସଦାପ୍ରଭୁ ପରମେଶ୍ୱର ସମଗ୍ର ଜାତିର ଲୋକମାନଙ୍କୁ ପରିତ୍ରାଣ ଦେବାକୁ ଚାହାନ୍ତି,ସେଥିରୁ ଶିଶୁମାନଙ୍କୁ ଆମ୍ଭେମାନେ ବହିଷ୍କାର କରି ପାରିବା ନାହିଁ । ଶିଶୁ ପୂର୍ଣ୍ଣ ବୟସ୍କ ହେବା ପର୍ଯ୍ୟନ୍ତ ଆପଣ ଅପେକ୍ଷା କରି ପାରିବେ କି ?,ପରମେଶ୍ୱରଙ୍କ ବାକ୍ୟ ବାଇବଲ କୁହେ,ଆସନ୍ତାକାଲି କଅଣ ଘଟିବ କେହି ଜାଣନ୍ତି ନାହିଁ,ଯଦି ଶିଶୁକୁ କୌଣସି ଅପ୍ରିୟ ଘଟଣା ଘଟି ଶିଶୁର ମୃତ୍ୟୁ ହୁଏ, ତେବେ ତାହାର ପ୍ରାଣର ଉତ୍ତରଦାୟୀ କିଏ ହେବ ? ଆଉ ଗୋଟିଏ

ଉଦାହରଣ, ଧରି ନିଅନ୍ତୁ,ଆପଣଙ୍କ ଶିଶୁର ଦେହ ଖରାପ ହେଲା, ଶିଶୁ ତ ନିଜର ସମସ୍ୟା ଆପଣଙ୍କୁ କହିପାରିବ ନାହିଁ,ତାହାର ଅର୍ଥ କଅଣ ଆପଣ ଆପଣା ଶିଶୁର ଚିକିତ୍ସା ପାଇଁ ଡାକ୍ତରଙ୍କ ପାଖକୁ ନେବେ ନାହିଁ ? ପାପ ଆତ୍ମିକ ରୋଗ ଅଟେ, ସେହି ରୋଗ ପାଇଁ ଆମ୍ଭମାନଙ୍କର ଆତ୍ମିକ ଡକ୍ତର ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟ ଅଟନ୍ତି । ଶିଶୁର ପିତାମାତା ନିଜର ଶିଶୁକୁ ମଣ୍ଡଳୀକୁ ଆଣି ପିତା, ପୁତ୍ର ଓ ପବିତ୍ର ଆତ୍ମାଙ୍କ ନାମରେ ଶିଶୁକୁ ବାପ୍ତିସ୍ମ ଦେବା ପାଇଂ ପାଳକଙ୍କୁ ନିବେଦନ କରିବା ଉଚିତ୍ ଓ ପାପ ରୂପ ରୋଗରୁ ଶିଶୁକୁ ମୁକ୍ତ କରିବା ଉଚିତ୍ । ଏଠାରେ ପିତାମାତାଙ୍କ ବିଶ୍ୱାସ ଶିଶୁ ପାଇଁ କାର୍ଯ୍ୟ କରେ, କାରଣ ବାଇବଲରେ ଆମ୍ଭମାନଙ୍କ ପରମେଶ୍ୱର କହନ୍ତି, (...ଯେହେତୁ ଆମ୍ଭେ ତୁମ୍ଭର ସଦାପ୍ରଭୁ ପରମେଶ୍ୱର ସ୍ୱଗୌରବ ରକ୍ଷଣରେ ଉଦ୍ ଯୋଗୀ ପରମେଶ୍ୱର ଅଟୁ,ପୁଣି ଯେଉଁମାନେ ଆମ୍ଭକୁ ଘୃଣା କରନ୍ତି,ଆମ୍ଭେ ସେମାନଙ୍କ ତୃତୀୟ ଓ ଚତୁର୍ଥ ପୁରୁଷ ପର୍ଯ୍ୟନ୍ତ ସନ୍ତାନମାନଙ୍କ ଉପରେ ପୈତୃକ ଅପରାଧର ପ୍ରତିଫଳ ଦାତା ।ମାତ୍ର .ଯେଉଁମାନେ ଆମ୍ଭକୁ ପ୍ରେମ କରନ୍ତି ଓ ଆମ୍ଭର ଆଜ୍ଞା ପାଳନ କରନ୍ତି,ଆମ୍ଭେ ସେମାନଙ୍କ ସହସ୍ର ପୁରୁଷ ପର୍ଯ୍ୟନ୍ତ ଦୟାକାରୀ ।(ଯାତ୍ରାପୁସ୍ତକ 20:5-6) ।

# ବାପ୍ତିସ୍ମରେ କାର୍ଯ୍ୟସାଧକ ଶକ୍ତି

ବାପ୍ତିଜିତ ହେ୍‌ବା ବେଳେ ପରିତ୍ରାଣ ନାମକ ମହାଶକ୍ତି ସାଧାରଣ ପାଣିରୁ ଆସିବା ସମ୍ଭବ କି ? ବାସ୍ତବରେ ବାପ୍ତିସ୍ମରେ ବ୍ୟବହୃତ ସାଧାରଣ ପାଣି ପାପରୁ ମୁକ୍ତି, ଅନନ୍ତ ଜୀବନ ବା ପରିତ୍ରାଣ ଦେଇ ପାରେ ନାହିଁ, ମାତ୍ର ଆମ୍ଭମାନଙ୍କୁ ଦିଆଯାଇଥିବା ପ୍ରତିଜ୍ଞାଯୁକ୍ତ ପରମେଶ୍ୱରଙ୍କର ଜୀବନ୍ତ ବାକ୍ୟ ହିଁ ,ବିଶ୍ୱାସ କରୁଥିବା ଲୋକମାନଙ୍କୁ ପାପ କ୍ଷମା, ଅନନ୍ତ ଜୀବନ ଅଥବା ପରିତ୍ରାଣ ପ୍ରଦାନ କରୁଅଛି ।ଅତଏବ ପରମେଶ୍ୱରଙ୍କର ବାକ୍ୟ ବିନା ପାଣି ସାଧାରଣ ପାଣି ଅଟେ, ପୁଣି ବାପ୍ତିସ୍ମ ସମ୍ଭବ ନୁହେଁ,କିନ୍ତୁ ପରମେଶ୍ୱରଙ୍କ ବାକ୍ୟ ସହିତ ବାପ୍ତିସ୍ମରେ ବ୍ୟବହୃତ ପାଣି, ଅସାଧାରଣ ପାଣି,ପୂନର୍ଜନ୍ମର ପ୍ରକ୍ଷାଳନ ନିମନ୍ତେ ଜୀବନର ଜଳ ଅଟେ, ଯେପରି ଲେଖାଅଛି । ( କିନ୍ତୁ ଯେତେବେଳେ ଆମ୍ଭମାନଙ୍କ ତ୍ରାଣକର୍ତ୍ତା ଈଶ୍ୱରଙ୍କ ଦୟା ଓ ମାନବ ଜାତି ପ୍ରତି ତାହାଙ୍କ ପ୍ରେମ ପ୍ରକାଶିତ ହେଲା,ସେତେବେଳେ ସେ ଆମ୍ଭମାନଙ୍କ କୃତ ଧର୍ମକର୍ମ ସକାଶେ ନୁହେଁ,ମାତ୍ର ଆପଣାର ଦୟାନୁସାରେ ପୂନର୍ଜନ୍ମର ପ୍ରକ୍ଷାଳନ ଓ ପବିତ୍ର ଆତ୍ମାଙ୍କ ନୂତନୀକରଣ ଦ୍ୱାରା ଆମ୍ଭମାନଙ୍କୁ ପରିତ୍ରାଣ କରିଅଛନ୍ତି,ସେହି ଆତ୍ମାଙ୍କୁ ସେ ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ପ୍ରଚୁରରୂପେ ଆମ୍ଭମାନଙ୍କ ଉପରେ ଢ଼ାଳି ଦେଲେ,ଯେପରି ଆମ୍ଭେମାନେ

ତାହାଙ୍କ ଅନୁଗ୍ରହରେ ଧାର୍ମିକ ଗଣିତ ହୋଇ ଭରସାନୁରେ ଅନନ୍ତ ଜୀବନର ଅଧିକାରୀ ହେବୁ ।(ତୀତସ୍ 3:4-7) । ଏହି ବାକ୍ୟରେ ପ୍ରେରିତ ପାଉଲ ବାପ୍ତିସ୍ମର ଶକ୍ତି ବିଷୟରେ ବର୍ଣ୍ଣନା କରୁଅଛନ୍ତି ।ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପ୍ରଭୁ ଯୀଶୁଖ୍ରୀଷ୍ଟ, ଯିହୁଦୀମାନଙ୍କ ନେତା ନୀକଦୀମକୁ ବାପ୍ତିସ୍ମର ଶକ୍ତି ବିଷୟରେ କହନ୍ତି, ( ଯୀଶୁ ଉତ୍ତର ଦେଲେ ସତ୍ୟ ସତ୍ୟ ମୁଁ ତୁମ୍ଭକୁ କହୁଅଛି,ଜଳ ଓ ଆତ୍ମାରୁ ଜନ୍ମ ନ ହେଲେ କେହି ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରି ପାରିବ ନାହିଁ ।( ଯୋହନ 3:5) ।ପ୍ରେରିତ ପିତର ମଧ୍ୟ ଆପଣା ପତ୍ରରେ ବାପ୍ତିସ୍ମ ଶକ୍ତି ବିଷୟରେ ଆପଣା ମତବ୍ୟକ୍ତ କରନ୍ତି,( ପୂର୍ବ କାଳରେ ନୋହଙ୍କ ସମୟରେ ଜାହାଜ ନିର୍ମିତ ହେଉଥିବା ବେଳେ, ଯେତେବେଳେ ଈଶ୍ୱର ଦୀର୍ଘସହିଷ୍ଣୁ ହୋଇ ଅପେକ୍ଷା କରୁଥିଲେ, ସେହି ସମୟରେ ସେମାନେ ଅବାଧ୍ୟ ହୋଇଥିଲେ । ମାତ୍ର ସେହି ଜାହାଜରେ ପ୍ରବେଶ କରି ଅଳ୍ପ ଲୋକ,ଅର୍ଥାତ୍ ଆଠ ପ୍ରାଣି ଜଳ ମଧ୍ୟ ଦେଇ ରକ୍ଷା ପାଇଲେ, ସେଥିର ପ୍ରତିରୂପ ବାପ୍ତିସ୍ମ,ଅର୍ଥାତ୍ ଶରୀରର ମଳିନତା ଦୂରୀକରଣ ନୁହେଁ,କିନ୍ତୁ ଈଶ୍ୱରଙ୍କ ନିକଟରେ ଶୁଚି ବିବେକ ପାଇବା ନିମନ୍ତେ ପ୍ରାର୍ଥନା,ଯୀଶୁଙ୍କ ପୂନରୁଥାନ ଦ୍ୱାର ଏବେ ତୁମ୍ଭମାନଙ୍କୁ ପରିତ୍ରାଣ କରୁଅଛି ।( 1ପିତର 3:20-21) । ବାପ୍ତିସ୍ମର ଶକ୍ତି ପରମେଶ୍ୱରଙ୍କ ବାକ୍ୟରେ ନିହିତ ଅଛି,ଏହା ସାଧାରଣ ଶକ୍ତି ନୁହେଁ, ପରିତ୍ରାଣ କରିବାର ମହାଶକ୍ତି ଅଟେ ।ଏହା ବାହ୍ୟ ଭାବରେ ଦୃଶ୍ୟ କାର୍ଯ୍ୟ

ନୁହେଁ,ମାତ୍ର ହୃଦୟ ଭିତରର ପବିତ୍ର ଆତ୍ମାଙ୍କ ଆଶ୍ଚର୍ଯ୍ୟ କାର୍ଯ୍ୟ ଅଟେ । ବାପ୍ତିସ୍ମର ଅର୍ଥ ପବିତ୍ର ଆତ୍ମାଙ୍କ ଦ୍ୱାରା ନୂତନୀକରଣ ଓ ପୂନର୍ଜନ୍ମର ପ୍ରକ୍ଷାଳନ ଅଟେ ।ବାପ୍ତିସ୍ମରେ ଆମ୍ଭେମାନେ ଖ୍ରୀଷ୍ଟଙ୍କ ସହିତ ଏକୀଭୂତ ହୋଇଅଛୁ ,(ଆମ୍ଭେମାନେ ଯେତେ ଲୋକ ଖ୍ରୀଷ୍ଟ ଯୀଶୁଙ୍କଠାରେ ବାପ୍ତିଜିତ ହୋଇଅଛୁ,ସମସ୍ତେ ଯେ ତାହାଙ୍କ ମରଣରେ ବାପ୍ତିଜିତ ହୋଇଅଛୁ, ଏହା କି ତୁମ୍ଭେମାନେ ଜାଣ ନାହିଁ ?ଅତଏବ, ଆମ୍ଭେମାନେ ବାପ୍ତିସ୍ମ ଦ୍ୱାରା ମରଣରେ ତାହାଙ୍କ ସହିତ ସମାଧି ପ୍ରାପ୍ତ ହୋଇଅଛୁ, ଯେପରି ଖ୍ରୀଷ୍ଟ ପିତାଙ୍କ ଗୋରବ ଦ୍ୱାରା ମୃତମାନଙ୍କ ମଧ୍ୟରୁ ଯେଉଁ ପ୍ରକାରେ ଉତ୍ ଥାପିତ ହେଲେ,ଆମ୍ଭେମାନେ ମଧ୍ୟ ସେହି ପ୍ରକାରେ ଜୀବନର ନୂତନ ଭବରେ ଆଚରଣ କରୁ । କାରଣ ଯଦି ଆମ୍ଭେମାନେ ତାହାଙ୍କ ମୃତ୍ୟୁର ସାଦୃଶ୍ୟରେ ମୃତ୍ୟୁଭୋଗ କରି ତାହାଙ୍କ ସହିତ ଏକୀଭୂତ ହୋଇଅଛୁ,ତାହାହେଲେ ନିଶ୍ଚୟ ତାହାଙ୍କ ପୁନରୁତ୍ଥାନର ସାଦୃଶ୍ୟରେ ମଧ୍ୟ ଉତ୍ ଥିତ ହୋଇ ତାହାଙ୍କ ସହିତ ଏକୀଭୂତ ହେବା ।( ରୋମୀୟ 6:3-5) ।

## ବାପ୍ତିସ୍ମରେ ପାଣିର ବ୍ୟବହାରର ପ୍ରଣାଳୀ

ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର ପ୍ରଧାନ ଆଜ୍ଞା ଅନୁସାରେ(ମାଥିଉ28:18-20 ) ପିତା,ପୁତ୍ର ଓ ପବିତ୍ର ଆତ୍ମାଙ୍କ ନାମରେ

ହିଁ ଦେବା ବାପ୍ତିସ୍ମ ଉଚିତ୍ ।ଯେପରି ଅନେକଙ୍କ ମଧ୍ୟରେ ଶିଶୁ ବାପ୍ତିସ୍ମକୁ ନେଇଁ ମତଭେଦ ରହିଛି, ଠିକ୍ ସେହିପରି ବାପ୍ତିସ୍ମ ଦେବାର ପ୍ରଣାଳୀରେ ମଧ୍ୟ ମତଭେଦ ରହିଛି । ବଇବଲ ଭଲ ଭାବେ ଅଧ୍ୟୟନ ନ କରିବା ହିଁ ଏହିସବୁ ମତଭେଦର ମୂଳ କାରଣ ଅଟେ । ସେମାନେ ସଦାପ୍ରଭୁ ପରମେଶ୍ୱରଙ୍କ ବାକ୍ୟର ଶିକ୍ଷାକୁ ଗ୍ରହଣ ନ କରି, ମଣିଷର ଭ୍ରାନ୍ତିଜନକ ଶିକ୍ଷାକୁ ଗ୍ରହଣ କରି ସେଥିରେ ଗ୍ରସ୍ଥ ଅଟନ୍ତି ।ଆମ୍ଭମାନଙ୍କ ମୁକ୍ତିଦାତା ଖ୍ରୀଷ୍ଟ ଯୀଶୁ ବାପ୍ତିସ୍ମରେ ପାଣିର ବ୍ୟବହାର ପ୍ରଣାଳୀ ପ୍ରତି କୌଣସି ଆଦେଶ ଦେଇ ନାହାନ୍ତି । କିନ୍ତୁ ନିଶ୍ଚିତରୂପେ ପାଣିର ବ୍ୟବହାର ପ୍ରତି ଆଜ୍ଞା ଦେଇଛନ୍ତି ।ଯଦି ଆମ୍ଭେମାନେ ଭଲ ଭାବରେ ବାଇବଲ ଅଧ୍ୟୟନ କରିବା,ତାହାହେଲେ ତିନି ପ୍ରକାର ପ୍ରଣାଳୀର ବାଇବଲରୁ ଆବିଷ୍କାର କରି ପାରିବା ,ସେ ଗୁଡ଼ିକ ହେଲା:-1. ଉପରେ ପାଣି ସେଚନ କରି ବାପ୍ତିଜିତ କରିବା ପ୍ରଣାଳୀ(sprinkling) 2. ଉପରେ ପାଣି ଢ଼ାଳି ବାପ୍ତିଜିତ କରିବା ପ୍ରଣାଳୀ ( pouring) ଓ 3. ପାଣିରେ ବୁଡ଼ାଇ ବା ଡୁବାଇ ବାପ୍ତିଜିତ କରିବା ପ୍ରଣାଳୀ (immersing) । ପରମେଶ୍ୱରଙ୍କର ବାକ୍ୟ ବାଇବଲରେ ବାପ୍ତିସ୍ମରେ ଏହି ତିନି ପ୍ରକାର ପାଣିର ବ୍ୟବହାର ପ୍ରଣାଳୀ ଉଲ୍ଲେଖ ଅଛି ।ପବିତ୍ର ବାଇବଲରେ ଥିବା ଶିକ୍ଷାକୁ ଅଦଳ ବଦଳ ନ କରି ସେଥିରେ କିଛି ଯୋଗ ନ କରି କିମ୍ବା ସେଥିରୁ କିଛି ବାହାର ନ କରି ପରମେଶ୍ୱରଙ୍କ ଆଜ୍ଞା ଗୁଡ଼ିକର ପାଳନ କରି ,ଅନ୍ୟମାନଙ୍କୁ ଶିକ୍ଷା ଦେବା ଆମ୍ଭମାନଙ୍କର କର୍ତ୍ତବ୍ୟ କର୍ମ ଅଟେ ।କାରଣ ଲେଖା ଅଛି :-( ଅତଏବ,ଯେ କେହି ଏହିସମସ୍ତ କ୍ଷୁଦ୍ରତ୍ତମ ଆଜ୍ଞା ମଧ୍ୟରୁ କୌଣସି ଗୋଟିଏ ଆଜ୍ଞା ଅମାନ୍ୟ କରେ ଓ ଲୋକଙ୍କ ସେହିପକାର ଶିକ୍ଷା

ଦିଏ,ସେ ସ୍ୱର୍ଗରାଜ୍ୟରେ କ୍ଷୁଦ୍ରତମ ବୋଲି ଖ୍ୟାତ ହେବ,କିନ୍ତୁ ଯେକେହି ସେହି ସମସ୍ତ ପାଳନ କରେ ଓ ଶିକ୍ଷା ଦିଏ,ସେ ସ୍ୱର୍ଗରାଜ୍ୟରେ ମହାନ୍ ବୋଲି ଖ୍ୟାତ ହେବ ।(ମାଥିଉ 5:19) ।ଆସନ୍ତୁ, ବର୍ତ୍ତମାନ ବାପ୍ତିସ୍ମରେ ପାଣିର ତିନି ପ୍ରକାର ବ୍ୟବହାର ପ୍ରଣାଳୀର ଅଧ୍ୟୟନ କରିବା ।ଯେଉଁମାନେ ପାଣିରେ ସଂପୂର୍ଣ୍ଣ ରୂପେ ବୁଡ଼େଇ ହିଁ ବାପ୍ତିଜିତ ହେବା ଦରକାର ବୋଲି ଦାବି କରନ୍ତି, ସେମାନେ ବାଇବଲର ନୂତନ ନିୟମରେ ବାପ୍ତିସ୍ମ ଶବ୍ଦ ନିମନ୍ତେ ମୂଳ ଭାଷାରେ(ଗ୍ରୀକ୍ ଭାଷାରେ) ବ୍ୟବହୃତ ଶବ୍ଦର ଅର୍ଥ ଜାଣିବା ଆବଶ୍ୟକ ଅଟେ । ଯଦି ବାପ୍ତିସ୍ମ ଶବ୍ଦ ନିମନ୍ତେ ନୂତନ ନିୟମରେ ମୂଳ ଭାଷାରେ ଶବ୍ଦ ବାପ୍ଟୋ (BAPTO) ବୋଲି ବ୍ୟବହାର କରାଯାଇଥାନ୍ତା,ତେବେ ତାହାର ଅର୍ଥ ବୁଡ଼େଇବା ହୋଇ ଥାଆନ୍ତା, ମାତ୍ର ମୂଳ ଭାଷାରେ ବାପ୍ ଟାଇଜ୍ ( BAPTIZE) ଶବ୍ଦର ବ୍ୟବହାର କରାଯାଇଛି, ଯାହାର ଅର୍ଥ ଧୋଇବା ବା ପ୍ରକ୍ଷାଳନ କରିବା ।ଯେଉଁ ବାପ୍ ଟାଇଜ୍ ( BAPTIZE ) ଶବ୍ଦ ଯିହୁଦୀମାନଙ୍କ ପରମ୍ପରାଗତ ରୀତିନୀତି ଧୋଇବା ଅଥବା ପ୍ରକ୍ଷାଳନ କରିବା ନିମନ୍ତେ ବ୍ୟବହୃତ ହୋଇଅଛି , ସେହି ଶବ୍ଦ ହିଁ ବାପ୍ତିସ୍ମ ନିମନ୍ତେ ମଧ୍ୟ ବ୍ୟବହୃତ ହୋଇଅଛି । (ସେମାନେ ତାହାଙ୍କ ଶିଷ୍ୟମାନଙ୍କ ମଧ୍ୟରୁ କେତେକଙ୍କୁ ଅଶୁଚି ଅର୍ଥାତ୍ ଅଧୁଆ ହାତରେ ଖାଇବାର ଦେଖିଲେ ।ଫାରୂଶୀମାନେ ଓ ସମସ୍ତ ଯିହୂଦୀ ଲୋକ ପ୍ରାଚୀନମାନଙ୍କ ପରମ୍ପରାଗତ ରୀତିନୀତି ପାଳନ କରି ଭଲ ରୂପେ ହାତ ନ ଧୋଇଲେ ଭୋଜନ କରନ୍ତି ନାହିଁ, ପୁଣି ହାଟବଜାରରୁ ଆସି ଆପଣା ଆପଣା ଉପରେ ପାଣି ନ ସିଞ୍ଚିଲେ ଖାଆନ୍ତି ନାହିଁ ଆଉ ପିଆଲା ଗଡୁ ଓ

ଅନେକ ରୀତିନୀତି ପାଳନ କରିବା ନିମନ୍ତେ ସେମାନେ ଆଦେଶ ପ୍ରାପ୍ତ ହୋଇ ଅଛନ୍ତି ।(ମାର୍କ 7:2-4) ।ଲୁକ 11:38 ଓ ଏବ୍ରୀ 9:10 ମଧ୍ୟ ଦୟାକରି ପଢ଼ନ୍ତୁ ।ତୀତସ୍ 3:4-5ରେ, ବାପ୍ତିସ୍ମକୁ ପୂନର୍ଜନ୍ମର ପ୍ରକ୍ଷାଳନ ଓ ପବିତ୍ର ଆତ୍ମାଙ୍କ ନୂତନୀକରଣ ବୋଲି କୁହାଯାଇଛି ।ଯେପରି ପାଣି ଉପରେ ଢ଼ଳାଯାଇ ବାପ୍ତିଜିତ କରାଯାଏ, ସେହି ପରି ପବିତ୍ର ଆତ୍ମାଙ୍କ ବାପ୍ତିସ୍ମରେ ପରମେଶ୍ୱର ଆପଣା ପବିତ୍ର ଆତ୍ମା ଆମ୍ଭମାନଙ୍କ ଉପରେ ଢ଼ାଳି ଦିଅନ୍ତି,ଦୟାକରି ପଢ଼ନ୍ତୁ, (ମାଥିଉ 3:11,ରୋମୀୟ 5:5 ,ପ୍ରେରିତ 2:16-17 ଓ ତୀତସ୍ 3:6 ) ।ପୂରାତନ ନିୟମର ସମୟରେ ଯେପରି ପାପ ମୋଚନ ନିମନ୍ତେ ପ୍ରାୟଶ୍ଚିତର ଦିନରେ ମହା ଯାଜକ ଦ୍ୱାରା ମହା ପବିତ୍ର ସ୍ଥାନରେ ରକ୍ତ ସେଚନ କରାଯାଉଥିଲା, ସେହି ପରି ନୂତନ ନିୟମର ସମୟରେ ପାପ ମୋଚନ ନିମନ୍ତେ ପିତା, ପୁତ୍ର ଓ ପବିତ୍ର ଆତ୍ମାଙ୍କ ନାମରେ ପବିତ୍ର ଜଳ ସେଚନ କରି ବାପ୍ତିଜିତ କରାଯାଏ ।( ସଦାପ୍ରଭୁ ପରମେଶ୍ୱର କହନ୍ତି,ପୁଣି ଆମ୍ଭେ ତୁମ୍ଭମାନଙ୍କ ଉପରେ ଶୁଚି ଜଳ ସିଞ୍ଚିବା ତହିଁରେ ତୁମ୍ଭେମାନେ ଶୁଚି ହେବ,ତୁମ୍ଭମାନଙ୍କ ସବୁ ଅଶୌଚରୁ ଓ ତୁମ୍ଭମାନଙ୍କର ସକଳ ପ୍ରତିମାଗଣ ଠାରୁ ଆମ୍ଭେ ତୁମ୍ଭମାନଙ୍କୁ ଶୁଚିକରିବା । ( ଯିହିଜିକଲ36:25) ।ଦୟାକରି ପଢ଼ନ୍ତୁ,(ଏବ୍ରୀ 10:22) ।ପାଣିରେ ବୁଡାଇ ବା ଡୁବାଇ ମଧ୍ୟ ବାପ୍ତିଜିତ କରାଯାଏ, ଏହି ପ୍ରଣାଳୀ ବିଷୟରେ କାଟେ ଚିଜମ୍ ରେ ଆମ୍ଭେମାନେ ସ୍ୱୀକାର କରିଥାଉ ।ପାଣିରେ ବୁଡାଇବାର କଅଣ ଅର୍ଥ ? ଏହାର ଅର୍ଥ ଆମ୍ଭମାନଙ୍କ ଭିତରେ ଥିବା ପୂରାତନ ମନୁଷ୍ୟ (ସ୍ୱଭାବ) ସମସ୍ତ ପ୍ରକାର ପାପ ଓ ଶାରୀରୀକ ଅଭୀଳାଷ ସହ ପାଣି ବୁଡାଇ ମରାଯାଉଛି ,ପୁଣି

ପବିତ୍ର ପରମେଶ୍ୱରଙ୍କ ସମ୍ମୁଖରେ ସମସ୍ତ ପ୍ରକାର ପବିତ୍ରତା ଓ ଧାର୍ମିକତାରେ ଜୀବନ ଯାପନ କରିବା ନିମନ୍ତେ ନୂତନ ମନୁଷ୍ୟ (ସ୍ୱଭାବ) ଜନ୍ମ ଲାଭ କରୁଅଛି ।ଉପରୋକ୍ତ ତିନୋଟି ପ୍ରଣାଳୀ ମଧ୍ୟରୁ କୌଣସି ଗୋଟିଏ ପ୍ରଣାଳୀରେ ବାପ୍ତିଜିତ କରାଯାଇପାରେ । ବାପ୍ତିସ୍ମରେ ପ୍ରଣାଳୀ ମୁଖ୍ୟ ନୁହେଁ, କିନ୍ତୁ ପରମେଶ୍ୱରଙ୍କର ବାକ୍ୟ ଅନୁସାରେ ବିଶ୍ୱାସର ସହିତ ବାପ୍ତିଜିତ ହେବା ହିଁ ମୁଖ୍ୟ ବିଷୟ ଅଟେ ।କାରଣ ଲେଖା ଅଛି :- ( ଯେ ବିଶ୍ୱାସ କରି ବାପ୍ତିଜିତ ହୁଏ,ସେ ପରିତ୍ରାଣ ପାଇବ,କିନ୍ତୁ ଯେ ଅବିଶ୍ୱାସ କରେ ସେ ଦଣ୍ଡାଜ୍ଞା ପାଇବ ।) ( ମାର୍କ 16:16 ) ।

# ଶେଷାଂସ

ବାପ୍ତିସ୍ମରେ ପରମେଶ୍ୱର ତାହାଙ୍କ ଠାରେ ବିଶ୍ୱାସ କରୁଥିବା ( ଯୀଶୁଙ୍କଠାରେ ବିଶ୍ୱାସ କରୁଥିବା ) ସମଗ୍ର ଜାତିର ଲୋକମାନଙ୍କୁ ପ୍ରଭୁ ଯୀଶୁଙ୍କ ଠାରେ ପରିତ୍ରାଣ ପ୍ରଦାନ କରନ୍ତି ।କିନ୍ତୁ ବାପ୍ତିଜିତ ହେବା ପରେ ପରମେଶ୍ୱରଙ୍କ ବାକ୍ୟରେ ଓ ଶିକ୍ଷାରେ ସ୍ଥିର ହୋଇ ନ ରହିଲେ କିଛି ଲାଭ ନାହିଁ । ବାପ୍ତିଜିତ ହୋଇ ବାକ୍ୟରେ ସ୍ଥିର ହୋଇ ନ ରହିବା ବ୍ୟକ୍ତି, ମରୁଭୂମିରେ ରୋପିତ ବୃକ୍ଷ ତୁଲ୍ୟ,ଯେଉଁ ବୃକ୍ଷ ପାଣିର ଆଭାବରେ ଶୁଖିଯାଏ, ସେ ବ୍ୟକ୍ତିର ଅବସ୍ଥା ସେ ପ୍ରକାର ହେବ । ବାପ୍ତିଜିତ ହେବା ପରେ, ଆମ୍ଭେମାନେ ଜୀବନର ଜଳ ତୁଲ୍ୟ ପରମେଶ୍ୱରଙ୍କ ବାକ୍ୟରେ ସ୍ଥିର ହୋଇ ରହିଲେ,ସେହି ବାକ୍ୟ ଅନନ୍ତ

ଜୀବନଦାୟକ ଜଳର  ନିର୍ଝର ସ୍ୱରପେ ଆମ୍ଭମାନଙ୍କ ହୃଦୟମାନଙ୍କରୁ ସଦାସର୍ବଦା ଉଚ୍ଛୁଳି ଉଠୁଥିବ ।(ଯୋହନ 4:14)ପରମେଶ୍ୱରଙ୍କ ମହାନାମର ଧନ୍ୟବାଦ ହେଉ,ଗୌରବ,ପ୍ରଶଂସା,ମହିମା ,ସମ୍ଭ୍ରମ,କର୍ତ୍ତାପଣ ଓ ପରାକ୍ରମ ଯୁଗେ ଯୁଗେ ତାହାଙ୍କର ।ଆମେନ୍ ।

—

ଆପଣଙ୍କ ପ୍ରଶ୍ନ,ସନ୍ଦେହ କିମ୍ବା ପରାମର୍ଶ ନିମନ୍ତେ

ଦୟାକରି ଯୋଗାଯୋଗ କରନ୍ତୁ:

-91-9445614044, 91-9444959658,

044-27430044